**DAV PUBLIC SCHOOLS, ODISHA ZONE**

**PERIODIC ASSESSMENT – III, 2023-24**

- Please check that this question paper contains **03** printed pages.
- Check that this question paper contains **07** questions.
- Write down the Serial Number of the question in the left side of the margin before attempting it.

**CLASS : VIII**
**SUBJECT : HIGHER ODIA**

**Time Allowed : 1 Hour 30 Minutes** **Maximum Marks: 40**

**ସାଧାରଣ ନିର୍ଦ୍ଦେଶାବଳୀ :-**

- ପ୍ରତ୍ୟେକ ପ୍ରଶ୍ନକୁ ମନଦେଇ ପଢ଼ ।
- ନିର୍ଦ୍ଦେଶ ଅନୁସାରେ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।
- ପ୍ରଶ୍ନର କ୍ରମିକ ସଂଖ୍ୟା ଠିକ୍ କରି ଲେଖ ।
- ଉତ୍ତର ଲେଖିଲାବେଳେ ଗୋଟିଏ ଲେଖାଏଁ ଧାଡ଼ି ଛାଡ଼ି ଲେଖ ।
- ପ୍ରଶ୍ନ ପତ୍ରରେ ଚାରୋଟି ବିଭାଗ ଓ ସାତଟି ପ୍ରଶ୍ନ ଅଛି ।

## 'କ' ବିଭାଗ -ପଠନ (୫)

**1. ନିମ୍ନଲିଖିତ ଅନୁଚ୍ଛେଦଟିକୁ ପଢ଼ି ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ।** **(5X1=5)**

ଉତ୍କଳମଣି ଗୋପବନ୍ଧୁଙ୍କର ପବିତ୍ର କର୍ମକ୍ଷେତ୍ର ଥିଲା ସତ୍ୟବାଦୀ ବନବିଦ୍ୟାଳୟ । ଏହି ଶିକ୍ଷାନୁଷ୍ଠାନର ଆଦର୍ଶରେ ଅନୁପ୍ରାଣିତ ହୋଇ ଛାତ୍ରମାନେ ନିଜକୁ ଏପରି ଦେଶପ୍ରେମୀ କରିଥିଲେ ଯେ ଅନ୍ୟାୟ, ଅତ୍ୟାଚାର ବିରୋଧରେ ସେମାନେ ଜୀବନକୁ ବାଜି ଲଗାଇ ଦେଉଥିଲେ । ସରଳ ଓ ନିରାଡ଼ମ୍ବର ଜୀବନଯାପନ ଥିଲା ଏହି ବିଦ୍ୟାଳୟର ବୈଶିଷ୍ଟ୍ୟ । ଏହି ଅନୁଷ୍ଠାନର ଆଦର୍ଶରେ ମୁଗ୍ଧ ହୋଇ ଓଡ଼ିଶାର ପ୍ରାୟ ପ୍ରତି ଗଡ଼ଜାତର ରାଜା, ପୁରୀ ଏମାର ମଠର ମହନ୍ତ ପ୍ରଭୃତି ଏ ବିଦ୍ୟାଳୟକୁ ଅର୍ଥ ଦାନ କରୁଥିଲେ । ସତ୍ୟବାଦୀ ବନବିଦ୍ୟାଳୟର ଆଦର୍ଶର ବାର୍ତ୍ତା ପାଇ ତାମିଲ ଭାଷାଭାଷୀ ବେଣୁଗୋପାଳ ଆଚାରୀ ରାଞ୍ଚି କଲେଜର ଅଧ୍ୟାପକ ପଦରୁ ଇସ୍ତଫା ଦେଇ ମାତ୍ର ପଚାଶ ଟଙ୍କା ବେତନରେ ଏଠାରେ କାମ କଲେ । ଏପରିକି ଆମ ରାଜ୍ୟର ବ୍ୟାସକବି ଫକୀରମୋହନ ସେନାପତି ତାଙ୍କ ଜୀବନର ଶେଷ ଭାଗରେ ତିନି ଦିନ ଏଠାରେ ରହି ପିଲାଙ୍କ ଭିତରେ ପିଲାଟିଏ ପାଲଟି ଯାଇଥିଲେ । ଏହି ବିଦ୍ୟାଳୟର ଛାତ୍ରମାନେ ଥିଲେ ସ୍ୱାଭିମାନୀ, ଆତ୍ମବିଶ୍ୱାସୀ, ଦୃଢ଼ମନା,

ସେବାକାରୀ ଓ ଦେଶପ୍ରେମୀ । ଦକ୍ଷିଣ ଆଫ୍ରିକାରେ ଗାନ୍ଧିଜୀଙ୍କ ପ୍ରତିଷ୍ଠିତ ଟଲଷ୍ଟୟ ଆଶ୍ରମ, ବିଶ୍ୱକବି ରବୀନ୍ଦ୍ରନାଥଙ୍କ ଶାନ୍ତି ନିକେତନ ଓ ସତ୍ୟବାଦୀ ବନବିଦ୍ୟାଳୟ ମଧ୍ୟରେ ଏକ ଆଦର୍ଶଗତ ସାମ୍ୟ ଥିଲା ।

(କ) ବେଣୁଗୋପାଳ ଆଚାରୀ ରାଞ୍ଚି କଲେଜର ଅଧ୍ୟାପକ ପଦରୁ କାହିଁକି ଇସ୍ତଫା ଦେଲେ?

(ଖ) ଫକୀରମୋହନ ସେନାପତି କେଉଁଠାରେ ରହି ପିଲାଙ୍କ ଭିତରେ ପିଲାଟିଏ ପାଲଟି ଯାଇଥିଲେ?

(ଗ) କେଉଁସବୁ ଅନୁଷ୍ଠାନଗୁଡ଼ିକ ମଧ୍ୟରେ ଏକ ଆଦର୍ଶଗତ ସାମ୍ୟ ଥିଲା?

(ଘ) ସତ୍ୟବାଦୀ ବନବିଦ୍ୟାଳୟର ବୈଶିଷ୍ଟ୍ୟ କ'ଣ ଥିଲା ?

(ଙ) କେଉଁମାନେ ସତ୍ୟବାଦୀ ବନବିଦ୍ୟାଳୟକୁ ଅର୍ଥ ଦାନ କରୁଥିଲେ?

## 'ଖ' ବିଭାଗ -ଲିଖନ (୫)

2. ତୁମ ଅଞ୍ଚଳରେ ଏକ ପାଠାଗାର ପ୍ରତିଷ୍ଠା କରିବା ନିମନ୍ତେ ସଂସ୍କୃତି ବିଭାଗ ସଚିବଙ୍କ ନିକଟକୁ ଏକ ଦରଖାସ୍ତ ଲେଖ । (5)

## 'ଗ' ବିଭାଗ - ବ୍ୟାକରଣ (୧୦)

3. (କ) ରେଖାଙ୍କିତ ପଦଗୁଡ଼ିକ କେଉଁ ପ୍ରକାର ବିଶେଷଣ ଚିହ୍ନାଅ । (5 x1=5)

(i) ବିନୟୀ ଛାତ୍ରଙ୍କୁ ସମସ୍ତେ ଭଲ ପାଆନ୍ତି ।

(ii) ବୁଢ଼ା ଲୋକଟି ବେତ୍ତୁଲିଏ ଉଖୁଡ଼ା ନେଇ ଆସିଛି ।

(iii) ଅଷ୍ଟମ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଦିଆଯିବ ।

(iv) ତତଲା ପାଣିରେ ଘର ପୋଡ଼େନି ।

(v) ଓଡ଼ିଆ କାରିଗର ଷୋଳ ବର୍ଷରେ କୋଣାର୍କ ଗଢ଼ିଥିଲେ ।

(ଖ) ରେଖାଙ୍କିତ ପଦଗୁଡ଼ିକ କେଉଁ ପ୍ରକାର ସର୍ବନାମ ଚିହ୍ନାଅ । (5 x1=5)

(i) ସଂସ୍କୃତ ରାମାୟଣର ରଚୟିତା କିଏ ?

(ii) ପିଲାଙ୍କୁ ଯେତେ ପ୍ରଶଂସା କରିବ , ସେମାନେ ସେତେ ପାଠରେ ମନ ଦେବେ ।

(iii) ସେମାନେ ନିୟମିତ ଖବରକାଗଜ ପଢ଼ନ୍ତି ।

(iv) ରାଧା ସ୍ୱୟଂ ସାଇକେଲ୍ ଚଳେଇବା ଶିଖିଲା ।

(v) ନଳିନୀକୁ ଯେଉଁପରି କୁହାଗଲା ସେ ସେହିପରି କଲା ।

## 'ଘ' ବିଭାଗ - ସାହିତ୍ୟ (୨୦)

4. ସପ୍ରସଙ୍ଗ ସରଳାର୍ଥ ଲେଖ । (5)

କରିବ ନିକର ଦେଶୁ ଦେଶେ ଯାହା

କରିଅଛି ମର୍ତ୍ତ୍ୟେ ଜାତି ବୈରଖ ।

5. ସଂକ୍ଷେପରେ ଉତ୍ତର ଲେଖ । ( 3×2=6)

(କ) ଜାତୀୟ ପତାକାକୁ ପ୍ରଣାମ କରିବା ପାଇଁ କବି କାହିଁକି କହିଛନ୍ତି ?

(ଖ) ଗ୍ରାମ୍ୟଜୀବନ କଳୁଷିତ ହେବାର କାରଣ କ'ଣ ?

(ଗ) ଆଧ୍ୟାତ୍ମିକତାର ମୌଳିକ ବିଷୟଟି କ'ଣ ?

6. ଠିକ୍ ଉତ୍ତରଟି ବାଛି ଲେଖ । (4 ×1= 4)

(କ) ଜାତୀୟ ପତାକାକୁ କ'ଣ ନ ମଣିବାକୁ କବି କହିଛନ୍ତି ?

(i) ଛାରକନା (ii) ପାଟଲୁଗା (iii) ଜାତୀୟ ସମ୍ପଦ (iv) ଜାତିର ଦେବତା

(ଖ) ପଣ୍ଡିତ ଗୋଦାବରୀଶ ମିଶ୍ର ତାଙ୍କର ଆତ୍ମଜୀବନୀ ପୁସ୍ତକ ପାଇଁ କେଉଁ ପୁରସ୍କାର ପାଇଛନ୍ତି ?

(i) ଓଡ଼ିଶା ସାହିତ୍ୟ ଏକାଡ଼େମୀ (ii) ଜ୍ଞାନପୀଠ

(iii) ସାରଳା (iv) କେନ୍ଦ୍ର ସାହିତ୍ୟ ଏକାଡ଼େମୀ

(ଗ) କିଏ ପଶ୍ଚିମ ଆଫ୍ରିକାର ଲାମ୍ବେରିନ୍ ଚିକିତ୍ସା କେନ୍ଦ୍ରର ପ୍ରତିଷ୍ଠାତା ?

(i) ବୈଦ୍ୟନାଥ ମିଶ୍ର (ii) ଆଲବର୍ଟ ସ୍ୱାଇଜର (iii) କନଫୁସିଅସ୍ (iv) ସିଂହାତି

(ଘ) ସିଂହାତି କେଉଁ ଦେଶର ସମ୍ରାଟ ଥିଲେ ?

(i) ଜାପାନ (ii) ଭାରତ (iii) ଚାଇନା (iv) ଜର୍ମାନୀ

7. ଗୋଟିଏ ବା ଦୁଇଟି ବାକ୍ୟରେ ଉତ୍ତର ଲେଖ । (5 ×1= 5)

(କ) ଦୁଃଖିଆ ମାଆ ରମୁକୁ କାହିଁକି ଚିନି ମାଗୁଥିଲା ?

(ଖ) ଶାଢ଼ି ଓ ଜିନିଷପତ୍ର କିଣିବାକୁ ସୁନନ୍ଦା କାହିଁକି ମନାକଲେ ?

(ଗ) ସୁନନ୍ଦା - ଭୋଜନାଳୟ କାହିଁକି ଖୋଲାଯାଇଥିଲା ?

(ଘ) 'ଦଶହରା ଭେଟି' ଗଳ୍ପଟିରେ କେଉଁ ସମୟର କଥା କୁହାଯାଇଛି ?

(ଙ) କେଉଁମାନଙ୍କୁ ନିମନ୍ତ୍ରଣ କରିବାକୁ ସୁନନ୍ଦା ଲେଖକଙ୍କୁ କହିଥିଲେ ?

***********